ପାଠ-୬

# ସର୍ବଂସହା ମାଟି

STUDY NOTES

## MIND MAP



## କବିତାର ମର୍ମବାଣୀ

'ଜନନୀ ଜନ୍ମଭୂମିଶ୍ଚ ସ୍ବର୍ଗାଦପି ଗରୀୟସୀ' – ଏହି ମନ୍ତ୍ରରେ ଅଭିମନ୍ତ୍ରିତ ନାରୀକବିଙ୍କ ସାରସ୍ୱତ ଦୃଷ୍ଟିରେ ଏ ମାଟି ହେଉଛି ସର୍ବଂସହା । ସେ ଜନନୀତୁଲ୍ୟା ପୂଜନୀୟା । ତା' ହୃଦୟର ସକଳ ସ୍ନେହକୁ ସେ ତା'ର ସମସ୍ତ ସନ୍ତାନମାନଙ୍କ ଭିତରେ ସମାନ ଭାବରେ ବାଣ୍ଟି ଦେଇଛି । ତା'ର ମିଠାପାଣି, ଧୀରପବନ ତଥା ଗଛଲତାର ଫଳ ତା' ସନ୍ତାନମାନଙ୍କ ହୃଦୟରେ ଭରିଦେଇଛି ଶକ୍ତି ଓ ତୃପ୍ତି । ସମସ୍ତଙ୍କ ପାଇଁ ସେ ସଜାଇ ରଖିଛି ତାର ସବୁଜଘାସର ଆରାମଦାୟକ କୋମଳ ବିଛଣା । ମାଆ ପରି ସନ୍ତାନର ସକଳ ଅଳି ଅର୍ଦ୍ଦଳି ସହି ତାର ରୋଗପୀଡା ନିବାରଣ ପାଇଁ ସାଇତି ରଖିଛି ବୃକ୍ଷଲତାର ବିଭିନ୍ନ ଚେରମୂଳି ଔଷଧ । ଚିତ୍ତବିନୋଦନ ନିମନ୍ତେ ସେ ନଦୀ ସମୁଦ୍ରରେ ଭରିରଖିଛି ଅନେକ ହସକଥା । ତା' ବଣପକ୍ଷୀର ଡାକ ମନକୁ ଆନମନା କରିଦେବା ସହ ଗର୍ବରେ ବକ୍ଷକୁ ସ୍ଫୀତ କରିଦିଏ । ମାଟି ମାଆର କୋଳରେ ରହି ଦିବ୍ୟସୁଖ ଲାଭ କରୁଥିବାବେଳେ ସ୍ୱର୍ଗ ଡାକିଲେ ମଧ ମାଆର ସୁଖମୟ କୋଳ ଛାଡିଯିବାକୁ ମଣିଷ ଅନିଚ୍ଛୁକ ହୁଏ ।

କେତେ ଜନ୍ମର ପୁଣ୍ୟକର୍ମ ବଳରେ ମାନବ ଏହି ପବିତ୍ର ଦେବଭୂମିରେ ଜନ୍ମଗ୍ରହଣ କରେ । ଜନ୍ମକାଳରୁ ସେ ମାଟିମାଆ ପାଖରେ ଯେତେ ରାଗ, ରୋଷ ଓ ତା' ଦେହରେ ଯେବେ ଆଘାତ ଦେଲେ ମଧ୍ୟ ସକଳ ଦୋଷକୁ ନିଜ ସନ୍ତାନ ମନେକରି ମାଟିମାଆ କ୍ଷମା କରିଦିଏ । ସେହି ମାଟିମାଆ ଅମାପ ଶକ୍ତିଶାଳିନୀ । ତେଣୁ କବି ନିଜେ ସକଳ ଦୁଃଖକୁ ସହି ଆପଣାକୁ ଜଗତର ମଙ୍ଗଳ କର୍ମରେ ନିୟୋଜିତ କରିବା ନିମନ୍ତେ ନିଜ ଛାତିକୁ ଟାଣ କରିବା ପାଇଁ ମାଟିମାଆ ନିକଟରେ ପ୍ରାର୍ଥନା କରିଛନ୍ତି । ମାଟିମାଆର ଶରୀର ପାହାଡ ପଥରରେ ଗଠିତ ହେଲେ ମଧ୍ୟ ତା'ର ପ୍ରାଣ କୋମଳ ପତ୍ର ସଦୃଶ । ତେଣୁ ସଂସାରର ଦୁଃଖ ଜଞ୍ଜାଳ ସହିବାକୁ ତାଙ୍କୁ ତା'ପରି ଦୃଢ କରିଦେବାକୁ କବି ନିବେଦନ କରିଛନ୍ତି ।

ମାଟିମାଆର ମୁକ୍ତିରେ ହିଁ ସନ୍ତାନର ମୁକ୍ତି । ତା'ର ହସରେ ହିଁ ସନ୍ତାନ ମୁଖରେ ଫୁଟେ ହସ । କିନ୍ତୁ ସନ୍ତାନମାନଙ୍କ ଚିତ୍ତରୁ ଆଜି ହଜିଯାଇଛି ସେହି ଚିନ୍ତା ଓ ଚେତନା । କବିଙ୍କ ଦୃଷ୍ଟିରେ ବୀରଭୂମି, ଦେବଭୂମି ଭାରତ ଜନନୀ ହେଉଛନ୍ତି ଚେତନାଗର୍ଭା । ତେଣୁ ସେ ହଜିଯାଇଥିବା ସେହି ସୁପ୍ତଚେତନାକୁ ସନ୍ତାନଙ୍କ ହୃଦୟରେ ଜାଗ୍ରତ କରାଇବାପାଇଁ ନିବେଦନ କରିଛନ୍ତି । ସେହି ଜନ୍ମଭୂମିର ଅନ୍ତର୍ଗତ ଆଦେଶ ଲାଭ କରି କବି ତାଙ୍କ ଯଶୋଗାନ କରିଚାଲିଛନ୍ତି । ମାଟିମାଆର ଦୁଃଖର ରାତ୍ରି ପାହିଆସିଲାଣି । ନୂତନ ସ୍ୱପ୍ନରେ ଉତ୍‌ଫୁଲ୍ଲିତ ହୋଇ ମହାନନ୍ଦରେ ତା'ର ପାଦଧୂଳିକୁ ମସ୍ତକରେ ବୋଳି ମାତୃଭୂମିର ଜୟଗାନ କରିବା ସହିତ ତା'ର ସୁନାମ ରକ୍ଷା କରିବା ନିମନ୍ତେ କବି ଆହ୍ୱାନ ଦେଇ ଗାଇଛନ୍ତି ।

ତୁହି ମୋ ଭାରତ ମାଆ
ତୋର ପାଦଧୂଳି          ମୁଣ୍ଡେ ହୋଇ ବୋଳି
ରଖିବି ତୋହର ନାଆଁ ।